## ସଂକ୍ଷେପରେ

### ମା' ନିଶାଣୀମୁଣ୍ଡା ପୀଠର ଉନ୍ନତି ହେବ
#### ଏସ୍‌ଡିସି ଦେଲା ୧୫ ଲକ୍ଷ

କୋରାପୁଟ,୫।୫(ସ୍ୱ.ପ୍ର.)- କୋରାପୁଟ ସହରରେ ଥିବା ମା' ନିଶାଣୀମୁଣ୍ଡାଙ୍କ ପୀଠର ଉନ୍ନତି ହେବ। ଏଥିପାଇଁ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ୧୫ ଲକ୍ଷ ଟଙ୍କା ଦେଇଥିବା ଶୁକ୍ରବାର କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ କହିଛନ୍ତି। ଏହି ଅର୍ଥରେ ମା' ନିଶାଣୀମୁଣ୍ଡାଙ୍କ ମନ୍ଦିର ପାଚେରି ନିର୍ମାଣ ସହ ଉକ୍ତ ଅଞ୍ଚଳର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ବିଧାୟକ ପଡାଲ କହିଛନ୍ତି। ମା' ନିଶାଣୀମୁଣ୍ଡାଙ୍କ ପୀଠକୁ କୋରାପୁଟ କେସିସି ବ୍ୟାଙ୍କ ସଭାପତି ତଥା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, କାର୍ଯ୍ୟକ୍ରମ ସଂଯୋଜକ କାଶୀ ପ୍ରସାଦ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପଡାଲ ମା'ଙ୍କ ଆଦିବାସୀ ସାଂସ୍କୃତିକ ଭବନ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲାର ଖଣିଜ ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ସାଂସ୍କୃତିକ ଭବନ ନିର୍ମାଣ କରାଯାଇଛି।

### ଜୟପୁରରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

ଜୟପୁର,୫।୫(ନି.ପ୍ର.)- ଗତ ୨୪ଘଣ୍ଟା ଭିତରେ ଜୟପୁର ସହରରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି। ଏହା ଜଣାପଡ଼ିବା ପରେ ସହରବାସୀ ଭୟଭୀତ ହୋଇଛନ୍ତି। ଘରୁ ବାହାରିବା ସମୟରେ ମାସ୍କ ପରିଧାନ କରିବା ଓ ସମଦୂରତା ରକ୍ଷା କରିବାକୁ ପ୍ରଶାସନ ତରଫରୁ ସଚେତନ କରାଯାଇଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୫।୫(ନି.ପ୍ର.)- ଜୟପୁର ଟାଉନ ପୋଲିସ ଦୁଇ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟପୁର ସହର ଖ୍ରୀଷ୍ଟିଆନପେଟାର ପିଣ୍ଟୁ ନାଗ ଓ ନିକି ଗରଡା। ପିଣ୍ଟୁଙ୍କ ନାମରେ ୨୦୧୩ରେ ଏକ ଡକାୟତି ମାମଲା ରହିଥିଲା। ସେହି ଦିନଠାରୁ ସେ ଫେରାର ଥିଲେ। ସେହିପରି ନିକି ନାମକ ମହିଳାଙ୍କ ନାମରେ ୨୦୧୯ରେ ମାରପିଟ ନେଇ ଟାଉନ ଥାନାରେ ମାମଲା ରହିଥିଲା। ଶୁକ୍ରବାର ପୋଲିସ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ

ବୋରିଗୁମ୍ମା,୫।୫(ଡି.ଏନ.ଏ.)-କୋରାପୁଟ ଜିଲା ବୋରିଗୁମ୍ମା-ନବରଙ୍ଗପୁର ରାସ୍ତାରେ ଶୁକ୍ରବାର ଏକ କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ସରପଞ୍ଚ ତୁଷାରକାନ୍ତ କୁମ୍ବରିକା, ସମିତିସଭ୍ୟା ପ୍ରିୟଙ୍କା ରଥ, ବ୍ଲକ ବିଜେଡି ସଭାପତି ଟିଙ୍କି ପଟ୍ଟନାୟକ, ଗୁପ୍ତ ଗନ୍ତାୟତ, ମୁନା ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଅମିତ ପଟ୍ଟନାୟକଙ୍କ ପ୍ରତିଷ୍ଠିତ ଏହି କମ୍ପ୍ୟୁଟର କେନ୍ଦ୍ର ଦ୍ୱାରା ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକମାନେ ଉପକୃତ ହେବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

# କାଗଜପତ୍ରରେ ରୋଗୀ ସେବା

ସୁନାବେଡ଼ା, ୫।୫ (ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦ ଅଞ୍ଚଳରେ କାଗଜପତ୍ରରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ୨୦୧୫-୧୬ରେ ୧୭ଲକ୍ଷ ୬୪ହଜାର ଟଙ୍କା ଖର୍ଚ୍ଚ କରି ଏଇଏଫ୍ ମାର୍କେଟ-ହାଉସିଂ ରାସ୍ତା ପାର୍ଶ୍ୱରେ ପୌର ପରିଷଦ ଏକ ମିନି କଲ୍ୟାଣ ମଣ୍ଡପ ନିର୍ମାଣ କରିଥିଲା। ଦୀର୍ଘ ବର୍ଷ ଧରି ଏହା ତାଲା ପଡି ରହିଥିଲା। ପରେ ପୌର ପରିଷଦ ଏଠାରେ ସ୍ୱାସ୍ଥ୍ୟ ବିଭାଗକୁ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କରିବାକୁ ପ୍ରସ୍ତାବ ଦେଇଥିଲା। ଏହା ହୋଇଥିଲେ ପୁରୁଣା ସୁନାବେଡ଼ା, ଡ୍ରାଇଭର କଲୋନି, ହାଉସିଂ ବୋର୍ଡ, ଗଞ୍ଜାମ କଲୋନି ସହ



ଖୋଲିବାକୁ ଥିବା ସ୍ୱାସ୍ଥ୍ୟକେନ୍ଦ୍ର।

ଆଖପାଖ ଅଞ୍ଚଳର ଲୋକେ ଉପକୃତ ହୋଇଥାନ୍ତେ। ପୌର ପରିଷଦ ଦୀର୍ଘଦିନ ହେବ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ମଣ୍ଡପ ହସ୍ତାନ୍ତର କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିପାରିନାହିଁ। ଫଳରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ଘର ଏବେ ଭୂତକୋଠି ପାଲଟିଲାଣି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜ୍ୟୋତି ପ୍ରକାଶ ଗିରି ନାମକ ଜଣେ ଡାକ୍ତର ଏଠାରେ ଡେପୁଟିଶନରେ ରହିଛନ୍ତି। ଏହା କେବଳ କାଗଜ କଲମରେ

**୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିବା ଦର୍ଶାଯାଉଛି**

ସୀମିତ ହୋଇ ରହିଛି। ସେ କେବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସନ୍ତି ନାହିଁ। ତେବେ ଆଶ୍ଚର୍ଯ୍ୟର କଥା ଯେ, ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ନ ଥିବା ବେଳେ ଏଠାରେ ପ୍ରତ୍ୟହ ୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିବା କାଗଜପତ୍ରରେ ଦର୍ଶାଯାଉଛି। ଏ ସମ୍ପର୍କରେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅରୁଣ ପାଢ଼ୀଙ୍କ ପାଖରେ କିଛି ଖବର ନାହିଁ। ଏ ବିଷୟରେ ତାଙ୍କୁ ପଚାରିବାରୁ ସେ କହିଛନ୍ତି, ସେଠାରେ ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ରୋଗୀ ସେବା ଆରମ୍ଭ ହେବ।

# ସରିଲା ବିଶ୍ୱଶାନ୍ତି ମହାଯଜ୍ଞ


ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଉଛି।

ଦାମନଯୋଡି,୫।୫(ଡି.ଏନ.ଏ.)

ନାଲ୍‌କୋ ଟାଉନଶିପ ସେକ୍ଟର-୧ ଯଜ୍ଞ ମଣ୍ଡପରେ ଗତ ୨ତାରିଖରୁ ଚାଲିଥିବା ବିଶ୍ୱଶାନ୍ତିମହାଯଜ୍ଞ ଶୁକ୍ରବାର ପବିତ୍ର ବୈଶାଖି ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି। ସୂର୍ଯ୍ୟପୂଜା, ଧଣ୍ଡା ପୂଜା, ଯଜ୍ଞ ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା, ଲକ୍ଷ୍ମୀ ଓ ଗୀତା ଯଜ୍ଞ ଆଦି ବିଭିନ୍ନ ନୀତି ସମ୍ପନ୍ନ ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଥିଲା। ଭଦ୍ରକରୁ ଆସିଥିବା ପୂଜକ ପଣ୍ଡିତ ବଳରାମ ଦାଶଙ୍କ ସହିତ ବିବେକାନନ୍ଦ ପଣ୍ଡା,ସତ୍ୟପ୍ରକାଶ ପଣ୍ଡା ଓ ବିଦ୍ୟୁତ୍ ରଞ୍ଜନ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ଣ୍ଣାହୂତି ସମୟରେ ବେଦ ପ୍ରବଚକ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ସହିତ ନାଲକୋ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ନିହାର ରଞ୍ଜନ ମହାନ୍ତି, ହରପ୍ରସାଦ ଦାଶ, ଅମରେନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ସାମଲ, ରାଜେନ୍ଦ୍ର ମିଶ୍ର, ହିମାଂଶୁ ଶେଖର ପଣ୍ଡା, ମହାପ୍ରବନ୍ଧକ ଆଶିଷ ସେନାପତି ଉପମହାପ୍ରବନ୍ଧକ ସରୋଜ ନାଥ,ଉମା ମହେଶ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲା ପ୍ରାଣୀ ଚିକିତ୍ସକଙ୍କ ସମୂହ ଇସ୍ତଫା

ମାଲକାନଗିରି,୫।୫ (ଡି.ଏନ୍.ଏ.)

ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ



ପ୍ରାଣୀ ଚିକିତ୍ସକମାନେ ସେମାନଙ୍କ ଇସ୍ତଫାପତ୍ର ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରୁଛନ୍ତି।

ଡାକରାରେ ମାଲକାନଗିରି ଶାଖା ସଦସ୍ୟମାନେ ୯ ଦଫା ଦାବି ନେଇ ୧ତାରିଖରୁ ଡିଜିଟାଲ କାର୍ଯ୍ୟ ବର୍ଜନ କରି ଆସୁଥିଲେ। ରାଜ୍ୟ ସରକାର ସଂଘର ଦାବିକୁ ବିଚାରକୁ ନ ନେଇ ଆକ୍ରୋଶମୂଳକଭାବେ ସଂଘ କର୍ମକର୍ତ୍ତାଙ୍କୁ ରାତିଅଧିଆ ବଦଳି କରିଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ଓଡ଼ିଶାରେ ପ୍ରାଣୀ ଚିକିତ୍ସକମାନେ ସମୂହ ଇସ୍ତଫା ଦେଇଛନ୍ତି। ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିଜ ଇସ୍ତଫାପତ୍ର ଦେଇଛନ୍ତି। ଦୀର୍ଘବର୍ଷ ହେଲା ପ୍ରାଣୀ ଚିକିତ୍ସକମାନେ ସେମାନଙ୍କ ୯ଟି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ବଦଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସାଧାରଣ ବର୍ଗ ଡାକ୍ତରଙ୍କ ସହ ସମାନ ଦରମା, ପଦୋନ୍ନତି, ସ୍ୱତନ୍ତ୍ର ସୁରକ୍ଷା ଆଇନ, ପ୍ରାଣୀ ଚିକିତ୍ସା ଭିତ୍ତିଭୂମି ସୁଧାରିବା, ମାନବ ସମ୍ବଳ, ନିରବଚ୍ଛିନ୍ନ ଔଷଧ ବିତରଣ, ବିଶେଷଜ୍ଞ ଚିକିତ୍ସା ଆଦି ସେମାନଙ୍କ ଦାବି ରହିଛି।

# ପୁନର୍ଗଠିତ ହେଲା ବ୍ଲକ ଶିକ୍ଷକ ସଂଘ
## ଦିଲୀପ ଟାକ୍ରି ନୂଆ ସଭାପତି

ପଟ୍ଟାଙ୍ଗି,୫।୫(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଶିକ୍ଷକ ସଂଘ ପୁନର୍ଗଠିତ ହୋଇଛି। ଏହାର ନୂଆ ସଭାପତି ରୂପେ ଦିଲୀପ ଟାକ୍ରି ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସଭାପତି ବିଶ୍ୱନାଥ ଖିଲ ଇସ୍ତଫା ଦେଇଥିଲେ। କାମଚଳା ସଭାପତି ଭାବେ ପ୍ରଫୁଲ୍ଲ ବେହେରା ଦାୟିତ୍ୱ ତୁଲାଉଥିଲେ। ତାଙ୍କ ସଭାପତିତ୍ୱରେ ଶୁକ୍ରବାର ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ପ୍ରଥମେ ଏକ ବୈଠକ ହୋଇଥିଲା। ବୈଠକରେ ସଂଘର ସ୍ଥାୟୀ ସଭାପତି ନ ଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଥିବା ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଦାୟିତ୍ୱରେ ଥିବା ସଭାପତି ବେହେରାଙ୍କ ସହମତିରେ ନୂତନ ସଭାପତି ଚୟନ ଲାଗି ନିଷ୍ପତ୍ତି ହୋଇଥିଲା। ଦିଲୀପ କୁମାର ଟାକ୍ରିଙ୍କୁ ନୂତନ ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ଭାବେ ମହେନ୍ଦ୍ର ଭତ୍ରା ଓ ସୁଲୋଚନା ଧଳ, ସାଧାରଣ ସମ୍ପାଦକ ରଞ୍ଜନ ଖିଲ, ଗଣମାଧ୍ୟମ ସମ୍ପାଦକ ଶରତ ଜେନା, ସଙ୍ଗଠନ ସମ୍ପାଦକ କୃଷ୍ଣ ପାଙ୍ଗି, ସହ ସମ୍ପାଦକ ରୂପେ ସାରା ବିଜୟ, ସାତୁ ଖରା ଓ ଜି.ଜଇତୁଙ୍କୁ ମନୋନୀତ କରାଯାଇଥିଲା। ଗ୍ରୀଷ୍ମ ଅବକାଶ ପରେ ଶପଥ ପାଠ ଉତ୍ସବ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳ ସଚିବଙ୍କୁ ବିଦାୟ ସମ୍ବର୍ଦ୍ଧନା


ରେଜିଷ୍ଟ୍ରାର ଡ. ଅସିତ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

କୋରାପୁଟ,୫।୫(ସ୍ୱ.ପ୍ର.)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରାର ଡ. ଅସିତ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ସୁନାବେଡ଼ାସ୍ଥିତ କ୍ୟାମ୍ପସ ପରିସରରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ. ଦାସ ୨୦୧୮ ମେ' ମାସରେ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଏକାଡେମିକ ଓ ପ୍ରଶାସନ ଉପଦେଷ୍ଟା ପ୍ରଫେସର ସୁଭେନ୍ଦୁ ମଣ୍ଡଳ, ଡିନ୍ ପ୍ରଫେସର ଏସ.କେ. ପାଳିତା, ଭାଷା ବିଦ୍ୟାଳୟର ଡିନ ପ୍ରଫେସର ଏନ.ସି .ପଣ୍ଡା, ଅର୍ଥ ଅଧିକାରୀ କେ.କୋଶଲା ରାଓଙ୍କ ସମେତ ଅନ୍ୟମାନେ ଦାସଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ।

କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଡ. ଦାସଙ୍କ ବିଶ୍ୱବିଦ୍ୟାଳୟରେ ୫ବର୍ଷର କାର୍ଯ୍ୟକାଳ ଅନ୍ୟମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି ବୋଲି କହିଥିଲେ। ସେ ପ୍ରଥମେ ଜଣେ ଶିକ୍ଷକ ଥିଲେ, ପରେ ପ୍ରଶାସକ ହୋଇଥିବାରୁ ତାଙ୍କ ପ୍ରଶାସନରେ ସବୁବେଳେ ଜଣେ ଶିକ୍ଷକର ଭାବାବେଗ ପରିଲକ୍ଷିତ ହେଉଥିଲା ବୋଲି ପ୍ରଫେସର ତ୍ରିପାଠୀ ପ୍ରକାଶ କରିଥିଲେ। ଡ.ଦାସଙ୍କୁ କୁଳପତି ଶାଲ ଓ ଏକ ଜନଜାତି କଳାକୃତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ, ଅଧିକାରୀ ଓ କର୍ମଚାରୀମାନେ ବିଶ୍ୱବିଦ୍ୟାଳୟରେ ଡ. ଦାସଙ୍କ ସହ ବିତାଇଥିବା ସ୍ମରଣୀୟ ମୁହୂର୍ତ୍ତକୁ ମନେ ପକାଇଥିଲେ। ମୁଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ମୋ ଜୀବନରେ କେବେ ଭୁଲିପାରିବି ନାହିଁ ବୋଲି ଡ. ଦାସ ନିଜ ବିଦାୟୀ ଅଭିଭାଷଣରେ କହିଥିଲେ। ଅଧ୍ୟାପକ ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳୁନି ବୃତ୍ତି ଟଙ୍କା

ସୁନାବେଡ଼ା/ସେମିଳିଗୁଡ଼ା,୫।୫(ସ୍ୱ.ପ୍ର.)

ସରକାରଙ୍କ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବୃତ୍ତି ପ୍ରଦାନ କରାଯାଉଛି। ତୃତୀୟ ,ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ମେଧାବୃତ୍ତି ସହ ଷଷ୍ଠ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ହେଉଛି ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା। ମାତ୍ର ଏଥିରେ କୃତକାର୍ଯ୍ୟ ହେଉଥିବା ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ଘୋଷିତ ବୃତ୍ତି ଟଙ୍କା ଠିକ୍ ଭାବରେ ମିଳୁ ନ ଥିବା ଅଭିଯୋଗ ହେଉଛି। ୨/୩ଟି କିସ୍ତିରେ ସମ୍ପୂର୍ଣ୍ଣ ଟଙ୍କା ଦେବା ବ୍ୟବସ୍ଥା ଥିଲେ ମଧ୍ୟ ଏହା ଠିକ୍ ରୂପେ ପାଇପାରୁନାହାନ୍ତି ଛାତ୍ରୀଛାତ୍ର। ଏପରି ଅଭିଯୋଗ ଆଣିଛନ୍ତି ସୁନାବେଡ଼ା ଓ ସେମିଳିଗୁଡ଼ା

**ପ୍ରମାଣସ୍ୱରୂପ ମିଳୁନି ସାର୍ଟିଫିକେଟ୍**

ଅଞ୍ଚଳର କେତେ ଜଣ ଅଭିଭାବକ। ସେମାନେ କହନ୍ତି, ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ସରକାରଙ୍କ ନିୟମ ଅନୁସାରେ ବ୍ୟାଙ୍କରେ ଜମାଖାତା ଖୋଲିଲେ। ମାତ୍ର ସରକାର ପ୍ରଥମ କିସ୍ତି ଦେବାପରେ ଆଉ ବାକି ଟଙ୍କା ଦେବାକୁ ଭୁଲିଗଲେଣି। ଏନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକମାନଙ୍କ ମତରେ ଯଦି ବୃତ୍ତି ଟଙ୍କା ମିଳିଲା ନାହିଁ, ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣ ସ୍ୱରୂପ ସାର୍ଟିଫିକେଟଟିଏ ମଧ୍ୟ ମିଳୁନାହିଁ। ଫଳରେ ଛାତ୍ରୀ ଅବା ଛାତ୍ରଟିଏ ସେ ମେଧାବୃତ୍ତି ପାଇଛି ବୋଲି ତା' ପାଖରେ କୌଣସି ପ୍ରମାଣ ରହୁନାହିଁ। ଏହି ସମସ୍ୟା କୋରାପୁଟ ଜିଲାରେ ଦୀର୍ଘ ଦିନ ଧରି ଲାଗିରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଚମେଲି ମଜୁମଦାରଙ୍କୁ ପଚାରିବାରୁ ସେ କହିଲେ, ଏପରି କିଛି ଅଭିଯୋଗ ତାଙ୍କ ପାଖକୁ ଆସିନାହିଁ। ତେବେ ଅନେକ ସମୟରେ ଛାତ୍ରୀଛାତ୍ରଙ୍କ ଆକାଉଣ୍ଟ ନମ୍ବର ଭୁଲ୍ ଥିବାରୁ ଟଙ୍କା ମଧ୍ୟ ଫେରି ଆସୁଛି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟିଦେବେ ବୋଲି ମଜୁମଦାର କହିଛନ୍ତି।

# ରାମମନ୍ଦିର, ୧୦୮ ଫୁଟର ହନୁମାନ ବିଗ୍ରହ ନିର୍ମାଣ ଲାଗି ପ୍ରସ୍ତୁତି

ଜୟପୁର,୫।୫(ନି.ପ୍ର.)

ବୁଦ୍ଧ ପୂର୍ଣ୍ଣିମା ଅବସରରେ ଗୀତ ଭବନଠାରେ ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଆବାହକ ହିମାଂଶୁ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଏହି ବୈଠକରେ ଆଗାମୀ ଦିନରେ ନାକ୍‌ଟି ଡଙ୍ଗର ପାହାଡ ଉପରେ ଭବ୍ୟ ରାମ ମନ୍ଦିର ଓ ୧୦୮ ଫୁଟ ଉଚ୍ଚର ଏକ ହନୁମାନଙ୍କ ବିଗ୍ରହ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବାପାଇଁ ସାମୁହିକ ମତାମତ ନିଆଯାଇଥିଲା। ଶଙ୍କରାଚାର୍ଯ୍ୟ ପୀଠରୁ ନିର୍ଦ୍ଦେଶକ୍ରମେ ମାତୃ ପ୍ରସାଦ ଭାଇଙ୍କ ସହିତ ଯୋଗାଯୋଗ କରାଯାଇ ଏହି ସ୍ୱରୂପର ନିର୍ଦ୍ଦେଶ ନିଆଯାଇଛି'। ମନ୍ଦିର ନିର୍ମାଣ ନିମନ୍ତେ କମିଟି ଗଠନ କରାଯିବା ସହିତ ଗ୍ରୀନ ଟ୍ରିବ୍ୟୁନାଲ, ପ୍ରଶାସନିକ ଅନୁମୋଦନ, ଡିଜାଇନ ଓ ଜନ ସଂପର୍କ କରାଯିବାକୁ ରୂପରେଖ ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ଏକ ବିରାଟ ରାମ ଭକ୍ତ ବନ୍ଧୁ ସମାଗମ କରାଯିବ। ସେଠାରେ ଶ୍ରୀରାମ ମନ୍ଦିର ନିର୍ମାଣ କମିଟି ଓ ଜନ ସହଯୋଗରେ ମନ୍ଦିର ଓ ବିଗ୍ରହ ନିର୍ମାଣ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ବୈଠକରେ ରାମଚନ୍ଦ୍ର ନିସଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ହିମାଂଶୁ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଧିରେନ ମୋହନ ପଟ୍ଟନାୟକ, ସୁରେଶ ହୋତା, କମଳାକାନ୍ତ ରଥ, ବାଦଲ ସନ୍ତ୍ରା ପାତ୍ର, ରାଜେନ୍ଦ୍ର ସାହୁ, ରଂଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦନକାଠ ଚୋରା ଚାଲାଣକାରୀ ସଞ୍ଜିତ ବୋରା ଗିରଫ

ନନ୍ଦପୁର,୫।୫(ଡି.ଏନ୍.ଏ.)

କୋରାପୁଟ ଜିଲାର କୁଖ୍ୟାତ ଚନ୍ଦନ କାଠ ଚୋରା ଚାଲାଣକାରୀ ସଞ୍ଜିତ ବୋରାଙ୍କୁ ନନ୍ଦପୁର ପୋଲିସ ଗିରଫ କରିଛି। ଚନ୍ଦନ କାଠ ଚାଲାଣ ନେଇ ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ନନ୍ଦପୁର, ପାଡୁଆ ଓ ଶୁଙ୍କି ଥାନାରେ ସଞ୍ଜିତଙ୍କ ନାମରେ ମାମଲା ଥାଇ ସେ ପୂର୍ବରୁ ଗିରଫ ହୋଇଥିଲେ। ଜାମିନରେ


ସଞ୍ଜିତ ବୋରା

ଆସି ପୁଣି ଚନ୍ଦନ କାଠ ଚୋରା ଚାଲାଣରେ ଲିପ୍ତ ରହିଥିଲେ। ବାରମ୍ବାର ପୋଲିସ ଆଖିରେ ଧୂଳି ଦେଇ ଖସି ଯାଉଥିବା ସଞ୍ଜିତ ଶୁକ୍ରବାର ଭୋର୍‌ରେ ଘରକୁ ଆସିଥିବା ଖବରପାଇ ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଏସଆଇ ବେଦୋବର ସାହୁ ଓ ପୋଲିସ ଦଳ ଚଢାଉ କରି ତାଙ୍କୁ କାବୁ

**ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା**

କରିଥିବା ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର କହିଛନ୍ତି। ସଞ୍ଜିତ ନନ୍ଦପୁର ଅଞ୍ଚଳରେ ଲୋକଙ୍କ ଠାରୁ ଖୁଚୁରାରେ ଚନ୍ଦନ କାଠ କିଣି ଆନ୍ଧ୍ର ଓ ପଶ୍ଚିମବଙ୍ଗ ଅଞ୍ଚଳକୁ ଚାଲାଣ କରୁଥିଲେ ବୋଲି ସେ ସୂଚନା ଦେଇଛନ୍ତି।

# ୨ ଗାଁରେ ୫୩୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଦଶମନ୍ତପୁର,୫।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତ ଅଧିନରେ ଥିବା ୨ଟି ଗାଁ ତେନ୍ତୁଳିଗୁଡ଼ା ଓ ଗୁଲିମୁସାରେ ଶୁକ୍ରବାରଠାରୁ ସ୍ୱାସ୍ଥ୍ୟମେଳା ଆରମ୍ଭ ହୋଇଛି। ଗୁଲିମୁସା ଗ୍ରାମରେ ଗାଈ ମଡ଼କ ଓ ତେନ୍ତୁଳିଗୁଡ଼ା ଗ୍ରାମରେ ମୃତ ଗୋରୁ ମାଂସ ଖାଇ ଅଜଣା ରୋଗରେ ଜଣଙ୍କର ମୃତ୍ୟୁ ଓ ଅନ୍ୟ ୨ ଜଣ ଆକ୍ରାନ୍ତ ହେବା ପରେ ସ୍ଥାନୀୟ ଗୋଷ୍ଠୀ


ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଉଛି।

**ତେନ୍ତୁଳିଗୁଡ଼ାରେ ଅଜଣା ରୋଗ ଘଟଣା**

ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାର୍ଥ ସାରଥୀ ପଣ୍ଡାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଛି। ଡା. ସୌମିତ୍ର ଦଳାଇ, ଡା.ଯଶବନ୍ତ ସଦାଲ, ଡା. ପ୍ରିୟଙ୍କା, ଫାର୍ମାସିଷ୍ଟ ତ୍ରିଲୋଚନ ଜେନା, ସଞ୍ଜୀବ ତ୍ରିପାଠୀ, ଅତିରିକ୍ତ ପିଏଚ୍‌ଇଓ ଅଧିକାରୀ ଜୟରାମ ବିଶୋଇ, ଅତିରିକ୍ତ ଏମପିଏଚଏସ୍ ଅଧିକାରୀ ପ୍ରବୀଣ କୁମାର ନାଗ, ଅଗ୍ରଗାମୀର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ କୁମାର ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେସ୍ ଏଥିରେ ଯୋଗ ଦେଇଥିଲେ। ତେନ୍ତୁଳିଗୁଡ଼ାରେ ମୋଟ ୧୩୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୩୫ ଜଣଙ୍କ ଚିକିତ୍ସା କରାଯିବା ସହ ଭିନ୍ନ ଭିନ୍ନ ରୋଗ ପାଇଁ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। ସେହିପରି ଗୁଲିମୂଶା ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୫୦ ଜଣଙ୍କୁ ଚିକିତ୍ସା କରାଯିବା ସହ ମାଗଣାରେ ଔଷଧ ଦିଆଯାଇଛି। ଶନିବାରଠାରୁ ଅଜଣା ରୋଗ ସନ୍ଦେହ କରି ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟମେଳାରେ ଆୟୋଜନ କରି ମାଗଣାରେ ଔଷଧ ବଣ୍ଟନ କରାଯିବ ବୋଲି ସାସ୍ଥ୍ୟକେନ୍ଦ୍ର ଅଧିକାରୀ ପଣ୍ଡା କହିଛନ୍ତି।

# ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ମାଁ ଗାଙ୍ଗମାଁଙ୍କୁ ଦର୍ଶନ କଲେ

**କୋରାପୁଟ ଏମ୍‌ପିଙ୍କ ପଟ୍ଟାଙ୍ଗି ଗସ୍ତ**

ପଟ୍ଟାଙ୍ଗି,୫।୫(ଡି.ଏନ୍.ଏ.)

ଆନ୍ଧ୍ର ସୀମାକୁ ଲାଗିଥିବା କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକକୁ ଶୁକ୍ରବାର ଏମ୍‌ପି ସପ୍ତଗିରି ଉଲାକା ଗସ୍ତ କରିଛନ୍ତି। ଏହି ସମୟରେ ସେ ଜଗନ୍ନାଥ ମନ୍ଦିର ନିକଟରେ ହୋଇଥିବା ଅସ୍ଥାୟୀ ମଣ୍ଡପରେ ଗତ ୫ ଦିନ ଧରି ପୂଜା ପାଉଥିବା ମାଁ ଗାଙ୍ଗମାଁଙ୍କୁ ଦର୍ଶନକରି ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହ ତାଙ୍କ ଧର୍ମପତ୍ନୀ ମଧ୍ୟ ଉପସ୍ଥିତ ଥିଲେ। ମାଁ ଗାଙ୍ଗମାଁଙ୍କୁ ପୂଜାର୍ଚ୍ଚନା ପରେ ଏମ୍‌ପି ଦଳର କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳରେ କଂଗ୍ରେସ ସଙ୍ଗଠନ ସମ୍ପର୍କରେ ପଚାରିବୁଝିଥିଲେ। ଏମ୍‌ପି ଉଲାକାଙ୍କ ଏପରି ଗସ୍ତ ଏବଂ ମାଁ ଗାଙ୍ଗମାଁଙ୍କ ଦର୍ଶନ କରିବା ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିଛି। ଆଲୋଚନା ବେଳେ କର୍ମୀମାନେ ମାଁ ଗାଙ୍ଗମାଁ ପୂଜା ପାଉଥିବା ଅସ୍ଥାୟୀ ମଣ୍ଡପ ବିପଦସଙ୍କୁଳ



ଏମ୍‌ପି ସପ୍ତଗିରି ଉଲାକା ମାଁ ଗାଙ୍ଗମାଁଙ୍କ ନିକଟରେ ପୂଜାର୍ଚ୍ଚନା କରୁଛନ୍ତି।

ଅବସ୍ଥାରେ ରହିଛି। ଏହାର ମରାମତି ଲାଗି ଏମ୍‌ପି କିଛି ସହାୟତା ଯୋଗାଇଦେବାକୁ କର୍ମୀମାନେ ଅନୁରୋଧ କରିଥିଲେ। ପୂଜାର୍ଚ୍ଚନା ପରେ ଏମ୍‌ପି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ସଭାପତି ସ୍ୱର୍ଗତ ନୃସିଂହନାଥ ବେହେରାଙ୍କ ଘରେ ପହଞ୍ଚି ସ୍ୱର୍ଗତ ବେହେରାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପି ଉଲାକାଙ୍କ ଏହି ଗସ୍ତ ବେଳେ ମାଁ ଗାଙ୍ଗମାଁଙ୍କ ପରିଚାଳନା କମିଟି ସ୍ଥାୟୀ ସଭାପତି ତଥା ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ବ୍ଲକ ସଭାପତି ଅର୍ଜୁନ ବାଙ୍କା, କଂଗ୍ରେସ ତଥା ସେବା ଦଳର ଜିଲା ସହ ସଙ୍ଗଠକ ଗୋବିନ୍ଦ ଖରା, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ଗାଙ୍ଗରାଜପୁର ସମିତିସଭ୍ୟା ବିମଳା ପାଙ୍ଗି, ଶଙ୍କର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ୟ୍ୟାଲା କୋଣ୍ଡାବାବୁ ଟ୍ରକ ଆସୋସିଏଶନ ସଭାପତି

ରାୟଗଡା ଅଫିସ,୫ା୫- ରାୟଗଡା ଟ୍ରକ ୟୁନୟନ ସଭାପତି ଭାବେ ୟ୍ୟାଲା କଣ୍ଡା ବାବୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଟ୍ରକ ୟୁନିୟନର ସଭାପତି ପଦ ପାଇଁ ୟ୍ୟାଲା କୋଣ୍ଡାବାବୁ ନାମାଙ୍କନ ଦାଖଲ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପାଇଁ ରାମମୋହନ ରାଓ, ସାଧାରଣ ସମ୍ପାଦକ ପାଇଁ କେ. ଜାନିକି ରାମୟା, ଉପସଭାପତି ପାଇଁ କେ ସୂର୍ଯ୍ୟା ଓ ଧରମା, ଯୁଗ୍ମ ସମ୍ପାଦକ ପାଇଁ ଏମ. ଭାନୁ ପ୍ରସାଦ ଓ ସୁଧା ମୁଦୁଲି, କୋଷାଧକ୍ଷ ପାଇଁ ଭି ପ୍ରସାଦ ଓ ପ୍ରଶାନ୍ତ ସାମଲ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏସବୁ ପଦବୀ ପାଇଁ ଆଉ କେହି ନାମାଙ୍କନ ପତ୍ର ଦାଖଲ କରିନ ଥିବାରୁ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଶୁକ୍ରବାର ଘୋଷଣା କରାଯାଇଛି । ବିଜୟୀ ଉତ୍ସବ ପାଳନ ପାଇଁ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା ମଝି ଘରିଆଣି ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଥିଲା। ଟ୍ରକ ୟୁନିୟନର ନୂତନ ନିର୍ବାଚିତ ପ୍ରତିନିଧି ମାନେ କାର୍ଯ୍ୟାଳୟ ଯାଇ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୫ା୫(ନି.ପ୍ର.)- ଜୟପୁର ସଦର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗୁଞ୍ଜିଗୁଡାର ଟୁନୁ ପରଜା ଓରଫ ଜାନି। ତାଙ୍କ ନାମରେ ଜୟପୁର ସଦର ଥାନାରେ ୨୦୧୯ରେ ଆପରାଧିକ ମାମଲା ରହିଥିଲା । ସେବେଠାରୁ ଟୁନୁ ଫେରାର ଥିବାବେଳେ ଶୁକ୍ରବାର ଗୁଞ୍ଜିଗୁଡାରେ ପୋଲିସ ଚଢାଉ କରି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ଥଣ୍ଡା ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ

ମାଥିଲି ,୫ା୫ (ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ସଦର ଗାନ୍ଧିଛକ ନିକଟରେ ଶୁକ୍ରବାର ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ପକ୍ଷରୁ ପିଇଓ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରକଳ୍ପ ଉଦ୍‌ଘାଟନ ସମୟରେ ମାଥିଲି ସରପଞ୍ଚ କାନାମରାଜୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ମାଝି, ମାଥିଲି ସମିତିସଭ୍ୟ ବାଲରାଜୁ କପେ, ସାମାଜିକ କର୍ମୀ ଆନନ୍ଦ ଚାର୍କି, ମାଥିଲି ବଜାର କମିଟି ସଭାପତି ଶ୍ରୀକାନ୍ତ ଚୈଧୁରୀ, ସମ୍ପାଦକ ବି. ନୌକାରାଜୁ ଉପସ୍ଥିତ ଥିଲେ। ଲୋକଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ ନେଇ ପଞ୍ଚାୟତର ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଗୁଡ଼ାରୀ, ଚନ୍ଦ୍ରପୁର ଗସ୍ତ



ଗୁଣପୁର,୫ା୫(ଡି. ଏନ.ଏ.)- ରାୟଗଡା ଜିଲା ଗୁଡାରୀ ଏନଏସି ଦୁର୍ନୀତିର ତଦନ୍ତ ପାଇଁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ସଦସ୍ୟ ଶୁକ୍ରବାର ଗୁଡ଼ାରୀ ଓ ଚନ୍ଦ୍ରପୁର ବ୍ଲକ ଗସ୍ତ କରିଛନ୍ତି। ଗୁଡ଼ାରୀ ଏନଏସିରେ ବ୍ୟାପକ ଦୁର୍ନୀତି ଓ ସାଧାରଣ ଲୋକଙ୍କ ଅର୍ଥ ହେରଫେର ହୋଇଥିବା ନେଇ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ନିକଟରେ ଅଭିଯୋଗ ହେବା ପରେ ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରି ତୁରନ୍ତ ଅଭିଯୋଗଗୁଡ଼ିକର ସତ୍ୟତା ପରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କମିଟି ଗୁଡ଼ାରୀ ଏନଏ ସି ଅଞ୍ଚଳ ଗସ୍ତ କରି ଉକ୍ତ ଅଞ୍ଚଳର ସଚେତନ ନାଗରିକ ଓ ସହରର ବୁଦ୍ଧିଜୀବୀଙ୍କୁ ଭେଟି ମତ ସଂଗ୍ରହ କରିଥିଲା। ଅଭିଯୋଗଗୁଡ଼ିକର ସତ୍ୟତା ପରଖିବା ଲାଗି ଟିମ୍ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ସ୍ଥଳ, ମିନି ଷ୍ଟାଡିୟମ ଓ ପୁଷ୍କର ତୀର୍ଥସ୍ଥଳ ପରିଦର୍ଶନ କରିଥିଲା। ଗସ୍ତରେ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ପଣ୍ଡା, ରାଜ୍ୟ ସଂଯୋଜକ ସୁବାଷ ପଣ୍ଡା, ରାୟଗଡ଼ା ଜିଲା ସଂଯୋଜକ ରାଧାକୃଷ୍ଣ ପଟ୍ଟନାୟକ ଓ ଗୁଡ଼ାରୀ ସଭାପତି ଗୌରୀ ଶଙ୍କର ମିଶ୍ର ସାମିଲ ହୋଇଥିଲେ। ଟିମ୍ ଗୁଡାରୀ ଅଞ୍ଚଳରେ ହୋଇଥିବା ବିଭିନ୍ନ ଅନିୟମିତତା ଅନୁଧାନ କରି ବିଭିନ୍ନ ଗ୍ରାମରେ ହୋଇଥିବା ଦୁର୍ନୀତି ଅଭିଯୋଗର ଅନୁଧାନ କରିଥିଲା। ସୂଚନାଯୋଗ୍ୟ, ଏହି ଟିମ୍ ରିପୋର୍ଟକୁ ଭିତ୍ତି କରି ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରଶାସନକୁ ସୁପାରିଶ କରିବ।

# ମରାମତି ଅଭାବରୁ ନଷ୍ଟ ହେଲାଣି ୪ ସରକାରୀ ବସ୍

ରାୟଗଡ଼ା,୫ା୫(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ରାୟଗଡ଼ା ଜୋନ୍ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ପୁଣି ବନ୍ଦ ସ୍ଥିତିକୁ ଆସିଗଲାଣି। ଏହି ଜୋନ୍‌ରେ ଥିବା ୧୧ଟି ବସ୍‌ରୁ ବର୍ତ୍ତମାନ ମାତ୍ର ୭ଟି ଚାଲୁ ରହିଛି । ଅନ୍ୟ ୪ଟି ମରାମତି ଅଭାବରୁ ନଷ୍ଟ ହୋଇଗଲାଣି । ଅନ୍ୟପକ୍ଷରେ ଘରୋଇ ବସ୍ ମାଲିକଙ୍କ ଇଙ୍ଗିତରେ ସମୟ ସାରଣୀ ରହିଥିବାରୁ ନିଗମ କ୍ଷତି ସହୁଛି ।

ରାୟଗଡ଼ାରେ ଓଏସ୍‌ଆର୍‌ଟିସି ତରଫରୁ ପୂର୍ବରୁ ଏକ ଜୋନ ଓ ଗ୍ୟାରେଜ ରହିଥିଲା । ବିପୁଳ କ୍ଷତି ହେବାରୁ ରାଜ୍ୟର ଅନ୍ୟ ଜୋନ୍ ସହିତ ରାୟଗଡ଼ା ଜୋନକୁ ସରକାର ୨୦୦୦ରେ ବନ୍ଦ କରି ଦେଇଥିଲେ । ପରେ ଓଏସ୍‌ଆରଟିସି ଅନେକ ପରିବର୍ତ୍ତନ କରି ସରକାର ପୁର୍ନବାର ନୂତନ ବସ୍ ସହିତ ରୁଟ ପ୍ରଦାନ କରିଥିଲେ। ପରେ ରାୟଗଡ଼ାରେ ୨୦୧୫ରେ ନୂତନ ଜୋନ୍ ଆରମ୍ଭ ହୋଇଥିଲା । ସେ ସମୟରେ ୯ଟି ବସ୍ ଦିଆଯାଇଥବା ବେଳେ ସେଥିମଧ୍ୟରୁ ୮ଟି ବିଭିନ୍ନ ରୁଟ୍‌ରେ ଚଳାଚଳ କଲା । ଗୋଟିଏ ବସ୍‌କୁ ସଂରକ୍ଷଣ ରଖି କୌଣସି ରୁଟର ବସ୍ ମରାମତି ହେଲେ ସେଠାକୁ ଛଡ଼ାଯାଉଥିଲା । ପ୍ରାୟ ୪ ବର୍ଷ ସବୁ ଠିକ ଚାଲିବାରୁ ଓଏସଆରଟିସି ତରଫରୁ ୨୦୧୯ ଡିସେମ୍ବରରେ ଆଉ ୨ଟି ବସ୍ ଏହି ଜୋନକୁ ଆସିଥିଲା । ମୋଟ ୧୧ଟି ବସ ଯାତ୍ରୀଙ୍କ ସୁବିଧା ପାଇଁ ଚାଲିଲା। ତେବେ ୨୦୨୦ରେ ମହାମାରୀ କରୋନା ବ୍ୟାପିବା ପରେ ବସ ଚଳାଚଳ ବନ୍ଦ ହେଇଯିବାରୁ ଧିରେ ଧିରେ କ୍ଷତି ଆରମ୍ଭ ହେଲା। ମୋଟ ୧୧ଟି ବସ୍‌ରୁ ବର୍ତ୍ତମାନ ୭ଟି ଯାଉଛି । ସେଥିମଧ୍ୟରୁ ଗୋଟିଏ ଲେଖାଏ ବସ ବ୍ରହ୍ମପୁର, ଚନ୍ଦ୍ରପୁର କାଶୀପୁର, ଗୁଡ଼ାରୀ, କଳାହାଣ୍ଡି ଜିଲାର ଥୁଆମୁଳ ରାମପୁର, କୋରାପୁଟ ଜିଲାର ଡଙ୍ଗାପାଇ, ନାରାୟଣପାଟଣା ଓ ମାଲକାନଗିରିର ଚିତ୍ରକୋଣ୍ଡାକୁ ଗଡୁଛି। ଗାଡ଼ି ଓ ଷ୍ଟାଫ୍ ଅଭାବ କାରଣରୁ ଗଜପତି ଜିଲାର ଅଡ଼ବାକୁ ବସ ବନ୍ଦ ରହିଛି। ସେହିପରି ରାୟଗଡ଼ାରୁ କଟକ ପର୍ଯ୍ୟନ୍ତ ଗୋଟିଏ ବସ ଚାଲିଛି । ହେଲେ ବସର ସମୟ ଘରୋଇ ବସ ମାଲିକଙ୍କ ମୁତାବକ ଚାଲୁଥିବାରୁ ଟିକେଟ ସେଭଳି ବିକ୍ରି ହେଉନାହିଁ।। ସେପଟେ ଗଡ଼ିବା




ଓଏସ୍‌ଆର୍‌ଟିସି ବସ୍ ।

**ରାୟଗଡ଼ା ଓଏସ୍‌ଆର୍‌ଟିସି ଜୋନ୍**

ଅବସ୍ଥାରେ ନ ଥିବା ୪ଟି କେଉଁଠାରେ ଅଛି ଦେଖାଯାଉ ନାହିଁ । ଦୁଇଟି ବସ୍ ୬ ମାସରୁ ଉର୍ଦ୍ଧ୍ୱ ହେବ ମରାମତି ନ ହୋଇ ପଡ଼ିରହିଛି। ମରାମତି ପାଇଁ ଏଠାରେ ଓଏସଆରଟିସି ପକ୍ଷରୁ କୌଣସି ଗ୍ୟାରେଜ ବ୍ୟବସ୍ଥା ନାହିଁ। ନିଯୁକ୍ତି ପାଇଥିବା ଫୋରମ୍ୟାନ ବସଷ୍ଟାଣ୍ଡରେ ବାଧ୍ୟବାଧକତାରେ ମରାମତି କାର୍ଯ୍ୟ କରୁଛନ୍ତି । କେତେକ ଘରୋଇ ବସ ମାଲିକ ରାୟଗଡ଼ା ଓଏସଆରଟିସି ଜୋନକୁ ସେମାନଙ୍କ ଇଚ୍ଛାରେ ପରିଚାଳିତ କରୁଥିବା ଅଭିଯୋଗ ହୋଇଛି। ଘରୋଇ ବସ ମାଲିକଙ୍କ ଇଙ୍ଗିତରେ ବସ ଗୁଡ଼ିକ ନିର୍ଦ୍ଧାରିତ ସମୟରେ ନ ଯାଇ ମନଇଚ୍ଛା ଯାଉଛି । କଳାହାଣ୍ଡି ଜିଲାର ଭବାନୀପାଟଣାକୁ ସରକାରଙ୍କ ତରଫରୁ ପୂର୍ବରୁ ଏକ ବସ ଚଳାଚଳ ପାଇଁ ଯୋଜନା ରହିଥିଲା । ହେଲେ ଓଏସଆରଟିସି କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟରେ ରୂପାନ୍ତରିତ କରିବା ପୂର୍ବରୁ ଆଉ ଏକ ନୂଆ ଘରୋଇ ବସ ଚଳାଚଳ କଲା । ଫଳରେ ସେହି ରୁଟରେ ଆଉ ଓଏସଆରଟିସି ବସ ଗଡ଼ିବ ନାହିଁ । ଅପରପକ୍ଷରେ ରାୟଗଡ଼ା ଠାରୁ ବାଲିଗୁଡ଼ା, ବିଜୟନଗରମ୍ ଓ ସୁନାବେଡ଼ାକୁ ଗୋଟିଏ ଲେଖାଏ ବସ ଚଳାଚଳ କରିବାକୁ ଦାବି ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। କ୍ଷତିରେ ଚାଲୁଥିବା ଏହି ଜୋନକୁ ସରକାର କେଉଁ ମୁହୂର୍ତ୍ତରେ ବନ୍ଦ କରିବା ପାଇଁ ଘୋଷଣା କଲେ ଜନସାଧାରଣ ହଇରାଣ ହେବେ । ଏନେଇ ରାୟଗଡ଼ା ଜୋନ ଓଏସଆରଟିସି ମ୍ୟାନେଜର ସଂଗ୍ରାମ କେଶରୀ ଜେନାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଓଏସଆରଟିସିରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟ ପ୍ରଦୀପ ଚୌଧୁରୀଙ୍କୁ ପଚାରିବାରୁ ସେ କେବଳ ଗାଡ଼ିର ସ୍ଥିତି ଜଣାଇଥିଲେ । ବସଷ୍ଟାଣ୍ଡ ଠାରେ କୋରାପୁଟ, ଭବାନୀପାଟଣା ଓ ଭୁବନେଶ୍ୱର ଆଦି ଯାତ୍ରା ପାଇଁ ଘରୋଇ ବସରେ ଟିକଟ କରିଥିବା କେତେଜଣ ଯାତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ଆମ ଜିଲାରେ ଓଏସଆରଟିସି ବସ ସେବା ଠିକ ନ ଥିବା ଯୋଗୁ ଘରୋଇ ବସରେ ଅଧିକା ଦେୟ ଦେଇ ଯାତ୍ରା କରିବାକୁ ପଡୁଛି ବୋଲି କହିଥିଲେ। ତେଣୁ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇ ଓଏସଆରଟିସି ବସ ଚଳାଚଳ ସ୍ୱାଭାବକ କରିବାକୁ ଦାବି ହୋଇଛି ।

## ବିଜେଡିରେ ମିଶିଲେ ଯୁବ କଂଗ୍ରେସ କର୍ମୀ

ବୋରିଗୁମ୍ମା,୫ା୫(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମାରେ ଶୁକ୍ରବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ନକୁଳଗୁଡ଼ା ଗ୍ରାମର କେତେ ଜଣ ଯୁବ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ଦିନୁ ଖରା, ତାରିଣି ଖରା, ସିନ୍ଧୁ ଖରା, ବାବୁଲା ଖରା, ଭକ୍ତ ହରିଜନ, ପତି ଖରା, ଡମ୍ବରୁ ହରିଜନ, ମୋହନ ହରିଜନ, ଖଗପତି ଖରା, ତ୍ରିଲୋଚନ ଖରା, ଦିନ ହରିଜନ, ଡମ୍ବରୁ ହରିଜନ, ଅଭି ହରିଜନ ଓ ଖଗପତି ହରିଜନ। ଏହି ଅବସରରେ ସେମାନେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସେମାନଙ୍କୁ ଦଳରେ ଅଣଦେଖା କରୁଥିବାରୁ ସେମାନେ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା କହିଛନ୍ତି। ଏହି ସମୟରେ ବିଜେଡି ବ୍ଲକ ସଭାପତି ଟିକି ପଟ୍ଟନାୟକ, ବ୍ଲକ କାର୍ଯ୍ୟ କାରିଣୀ ସଭାପତି ମୁନା ଦୋରା, ଶିବ ପଟ୍ଟନାୟକ, ଗୁପ୍ତ ଗନ୍ତାୟତ, ଲାଡି ନାରାୟଣ, ଗଣପତି ରାଓ, ପରି ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପୌରାଧକ୍ଷାଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

ଉମରକୋଟ,୫ା୫(ସ୍ୱ.ପ୍ର.)

ଉମରକୋଟ ପୌର ଅଧକ୍ଷା ରାଧା ଭତ୍ରା ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ତାଙ୍କ ଉପସ୍ଥିତିରେ ଉମରକୋଟ ସହର ମଧ୍ୟରେ 'ଆଇ ଲଭ ଉମରକୋଟ' ସେଲ୍‌ଫି ପଏଣ୍ଟ ପାଇଁ ଜଗା ଚିହ୍ନଟ କରାଯାଇଛି। ପୌରଧକ୍ଷା ଶିଶୁ ଉଦ୍ୟାନ କାର୍ଯ୍ୟ ମଧ୍ୟ ବୁଲି ଦେଖିଥିଲେ। ପୌରାଧକ୍ଷାଙ୍କ ସହ ଉପାଧକ୍ଷ ସୁଧାଂଶୁ ଦାସ, ଉକ୍ତ ୱାର୍ଡର କାଉନସିଲରମାନେ, ନିର୍ବାହୀ ଅଧିକାରୀ ରଷି ମାଝୀ ଏବଂ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ଉପସ୍ଥିତ ଥିଲେ। ସୂଚନା



ଶିଶୁ ଉଦ୍ୟାନ ଦେଖୁଛନ୍ତି ପୌର ଅଧକ୍ଷା ଓ ଅନ୍ୟମାନେ ।

**ସେଲ୍‌ଫି ପଏଣ୍ଟ ପାଇଁ ଜଗା ଚିହ୍ନଟ**

ଅନୁଯାୟୀ, ଦୀର୍ଘ ଏକ ବର୍ଷ ହେବ ସେଲଫି ଷ୍ଟାଣ୍ଡ ପାଇଁ ଟେଣ୍ଡର ହୋଇଥିଲେ ମଧ୍ୟ ଜାଗା ଚିହ୍ନଟ ହୋଇପାରୁ ନଥିବାରୁ କାର୍ଯ୍ୟ ଆରମ୍ଭ ହେଉନଥିଲା। ଏହାକୁ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସହରର ଉନ୍ନୟନ କାର୍ଯ୍ୟ ପାଇଁ ପୌର ପ୍ରଶାସନ ପକ୍ଷରୁ ଉମରକୋଟ ଓ ନବରଙ୍ଗପୁରକୁ ସଂଯୋଗ କରୁଥିବା ଡିଏନକେ ସ୍ଥିତ ମୁଖ୍ୟ ରାସ୍ତା କଡରେ ରଖାଯାଇଥିବା ସଂରକ୍ଷିତ ଜାଗାରେ ଆଇ ଲଭ ସେଲଫି ପଏଣ୍ଟ କରାଯିବାକୁ ସ୍ଥାନ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସ୍ମାର୍ଟ ପାର୍କ କାର୍ଯ୍ୟ ତ୍ୱରାନ୍ୱିତ କରିବା ଓ ବନ୍ଦ ହୋଇ ପଡିଥିବା ନୂଆ ବସଷ୍ଟାଣ୍ଡ ସ୍ଥିତ ଶିଶୁ ଉଦ୍ୟାନର ଶୀଘ୍ର ଉନ୍ନତି କରଣ କରିବାକୁ ଯନ୍ତ୍ରୀଙ୍କୁ ଅଧକ୍ଷା ନିର୍ଦ୍ଦେଶ ଦେଇଛନ୍ତି।

## ବ୍ୟାଙ୍କରୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଉଠାଇବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଝରିଗାଁ,୫ା୫(ସ୍ୱ.ପ୍ର.)

ଶୁକ୍ରବାର ଜଣେ ବ୍ୟକ୍ତି ନିଜ ଭତ୍ତା ଟଙ୍କା ଉଠାଇବାକୁ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ଯାଇ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ପାଉରବେଲି ଗ୍ରାମର ମନବୋଧ ନାୟକ(୬୫)।

ଖବରରୁ ଜଣାପଡିଛି, ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ପାଉରବେଲି ଗ୍ରାମର ମନବୋଧ ଶୁକ୍ରବାର ସକାଳ ୧୦ଟାରେ ବସ୍ ଯୋଗେ ଉମରକୋଟସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ନିଜ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଉଠଇବାକୁ ଯାଇଥିଲେ। ସେ ଟଙ୍କା ଉଠାଇ ଉମରକୋଟରୁ ମୈଦଲପୁର ଅଭିମୁଖେ ଯାଉଥିବା ଏକ ବସ୍‌ରେ ପଲସଗାଁ ଆସି ଗ୍ରାମରେ ଓହ୍ଲାଇଥିଲେ। ତେବେ ମନବୋଧ ରାସ୍ତାରେ ଅସୁସ୍ଥ ହୋଇପଡିଥିଲେ। ବସ୍‌ରୁ ଓହ୍ଲାଇ ସେ ତଳେ ପଡିଯାଇଥିଲେ। ତାଙ୍କର ସଙ୍ଗେସଙ୍ଗେ ମୃତ୍ୟୁ ହୋଇଯାଇଥିଲା। ଏସମ୍ପର୍କରେ ପଲସଗାଁର କିଛି ବ୍ୟକ୍ତି ମନୋବଧଙ୍କ ପୁଅ ଦଶମଙ୍କୁ ଖବର ଦେଇଥିଲେ। ଦଶମୁ ପହଞ୍ଚି ଏ ସମ୍ପର୍କରେ ଝରିଗାଁ ଥାନାକୁ ଜଣାଇଥିଲେ। ପରେ ଝରିଗାଁ ଥାନା ଏଏସ୍‌ଆଇ ଅଶୋକ ପାଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସନ୍ଧ୍ୟା ହୋଇଯିବାରୁ ଶନିବାର ମନବୋଧଙ୍କ ମୃତଦେହ ବ୍ୟବଚ୍ଛେଦ ହେବ। ଏନେଇ ଝରିଗାଁ ଥାନାରେ ୮।୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଗିରଫ




ଗିରଫ ମାଫିଆ ।

ଉମରକୋଟ,୫ା୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ପୋଲିସ ଶୁକ୍ରବାର ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। ସେ ହେଲେ ସୁବାଷ ବିଷୋୟୀ(୫୫)। ତାଙ୍କ ନାମରେ ଓଡ଼ିଶା ଓ ଛତିଶଗଡ଼ର ବିଭିନ୍ନ ଥାନାରେ ୬ଟି ଏନ୍‌ଡିପିଏସ୍ ମାମଲା ରହିଛି।

ଖବରରୁ ଜଣାପଡିଛି, ଉମରକୋଟ ଥାନା ଅଧୀନ ବାଣୁଆଗୁଡା ଗ୍ରାମର ସୁବାଷ (୫୫) କିଛି ବର୍ଷ ହେବ ରାଜ୍ୟ ତଥା ରାଜ୍ୟ ବାହାରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ତାଙ୍କ ନାମରେ ଛତିଶଗଡ଼, ଜଗଦଲପୁର, ନବରଙ୍ଗପୁର, କୋଡ଼ିଙ୍ଗା, କୋଷାଗୁମଡା ଥାନାରେ ଅନେକ ମାମଲା ରହିଛି। ତାଙ୍କ କାରବାରକୁ ନେଇ ସୁବାଷଙ୍କ ନାମରେ ୱାରେଣ୍ଟ ମଧ୍ୟ ରହିଛି। ସେ ପୋଲିସ ଆଖିରେ ଧୂଳି ଦେଇ କିଛି ବର୍ଷ ହେବ ଫେରାର ଥିଲେ। ଉମରକୋଟ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ସୁବାଷଙ୍କ ଗତିବିଧି ଉପରେ ନଜର ରଖି ଆସୁଥିଲେ। ଉମରକୋଟରେ ତାଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ବୁରୁଦା ଏକ ଟିମ୍ ଧରି ଗୁରୁବାର ରାତିରେ ଚଢାଉ କରିଥିଲେ। ଶୁକ୍ରବାର ସୁବାଷଙ୍କୁ ନବରଙ୍ଗପୁର ଏନ୍‌ଡିପିଏସ୍ ସ୍ୱତନ୍ତ୍ର ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଚଢ଼ାଉ ସମୟରେ ସୁବାଷଙ୍କଠାରୁ ଏକ ବୁଲେଟ୍ ମୋଟର ସାଇକେଲ ପୋଲିସ ଜବତ କରିଛି। ଯେଉଁ ସବୁ ଥାନାରେ ତାଙ୍କ ନାମରେ ମାମଲା ରହିଛି ସେହି ଥାନାଗୁଡ଼ିକ ସୁବାଷଙ୍କୁ ରିମାଣ୍ଡରେ ନେଇପାରନ୍ତି ବୋଲି ବୁରୁଦା କହିଛନ୍ତି। ଚଢାଉ ଟିମ୍‌ରେ ଏସ୍‌ଆଇ ସନ୍ତୋଷ ମାଝୀ, ସୌମେନ୍ଦ୍ର କୁମାର ସେଠ, ଏଏସ୍‌ଆଇ ଶରତ ଚନ୍ଦ୍ର କୁଟୁରୁକା, ରାମଚନ୍ଦ୍ର ବେହେରା, ଶୁକଦେବ ଛତ୍ରିୟାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

**ବିଭିନ୍ନ ଥାନାରେ ରହିଛି ମାମଲା, ୱାରେଣ୍ଟ**

# ବିଇଓ, ୩ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାପଡାହାଣ୍ଡି,୫ା୫(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ଶିରଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଓ ୩ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ନିଖିଳ ଉତ୍କଳ ପ୍ରାଥମିକ ସଂଘ ସଭାପତି ସୁଦର୍ଶନ ମାଝୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରାମକ୍ରିଷ୍ଣା ପ୍ରଧାନୀ ମଞ୍ଚାସୀନ ରହିଥିଲେ ସଭାରେ ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ, ଶିକ୍ଷକ ରମେଶ ଚନ୍ଦ୍ର ମଣ୍ଡଳ, ଗୋଲକ ବିହାରୀ ସାହୁ ଓ ଅଞ୍ଜଳି ଚକ୍ରବର୍ତ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟବକ୍ତା ଓ ଅତିଥିମାନେ ବିଦାୟୀ ବିଇଓ ଓ ୩ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଚାକରି ଜୀବନ ସମ୍ପର୍କମ୍‌ରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଜଗନ୍ନାଥ ମାଝୀ କରିଥିବା ବେଳେ ହରିହର ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ରତିକାନ୍ତ ପଣ୍ଡା, ସଂଜୀବ ପଣ୍ଡା, ପ୍ରଶାନ୍ତ ପଣ୍ଡା, ପ୍ରତିମା ଯାଦବ, କିଶୋର ବେହେରା ଶିବ ପାତ୍ର,ଲକ୍ଷୀଧର ମାଝୀ, ମାଧବୀ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ ।




ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ବିଦାୟୀ ଶିକ୍ଷକଙ୍କ ସହ ଅନ୍ୟ ଶିକ୍ଷକମାନେ ।

# ଶାଳକାଠ ଜବତ, ୨ ଗିରଫ

ଡାବୁଗାଁ,୫ା୫ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନ ବିଭାଗ ଗୁରୁବାର ବିଳମ୍ବିତ ରାତିରେ ସାଇଜ ଶାଳ କାଠ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଡାବୁଗାଁ-ଉମରକୋଟ ମୁଖ୍ୟ ରାସ୍ତା କୋଇଲାରି ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବାଇକ୍ ( ଓଡି୨୪ ଇ ୪୩୬୯)ରେ ୩ଟି ସାଇଜ ଶାଳ କାଠ ବାନ୍ଧି ନେଉଥିବା ବଡନି ଗ୍ରାମର ୨ ଯୁବକଙ୍କୁ ଝାଲିଆଗୁଡା ଛକରେ ଅଟକାଇ ପଚରାଉଚରା କରିଥିଲେ। ସେମାନେ ଉକ୍ତ କାଠର କୌଣସି କାଗଜପତ୍ର ଦେଖାଇ ନ ପାରି ବାରୁ କାଠ ସହ ବାଇକ୍ ଓ ୨ଟି ମୋବାଇଲ ଫୋନକୁ ବନ କର୍ମଚାରୀ ଜବତ କରଛନ୍ତି। କାଠ ଚାଲାଣ ଅଭିଯୋଗରେ ସମ୍ପୃକ୍ତ ୨ ଯୁବକ ଝରିଗାଁ ବ୍ଲକ ଅଧୀନ ବଡନି ଗ୍ରାମର ରଘୁ କଲାର ଓ ସମାରୁ କଲାରଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଏନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ନଂ ୧୮/ ୨୦୨୩-୨୪ ରେ ମାମଲା ରୁଜୁ ହୋଇଛି। ଚଢାଉରେ ଡାବୁଗାଁ ବନପାଳ ମଧୁସୂଦନ ପାତ୍ର, ବନରକ୍ଷୀ କାର୍ତ୍ତିକ ମାଝି, ଉମାଶଙ୍କର ମିଶ୍ର, ରିତାରାଣୀ ବିଶାସରାୟ ଓ ପାରା ଫରେଷ୍ଟ୍ରୀ ଷ୍ଟାଫମାନେ ସାମିଲ ଥିଲେ ।



ଗିରଫ ଅଭିଯୁକ୍ତ ଓ ଜବତ କାଠ ।

# ରେଲୱେ ଟିକେଟ କାଉଣ୍ଟର ସ୍ଥାନାନ୍ତରକୁ ବିରୋଧ

ନବରଙ୍ଗପୁର,୫ା୫(ବି.ପ୍ର.)

ନବରଙ୍ଗପୁର ବସଷ୍ଟାଣ୍ଡ ନିକଟରେ ଥିବା ଏକ ରେଲୱେ ଟିକେଟ ବୁକିଂ କାଉଣ୍ଟର ଅନ୍ୟତ୍ର ସ୍ଥାନାନ୍ତର ନିଷ୍ପତ୍ତିକୁ ସହରବାସୀ ବିରୋଧ କରିଛନ୍ତି। ଶୁକ୍ରବାର ଡିଆରଏମ କାର୍ଯ୍ୟାଳୟ ପକ୍ଷରୁ ଏକ ତଦନ୍ତକାରୀ ଦଳ ନବରଙ୍ଗପୁର ରେଲୱେ ଟିକେଟ ବୁକିଙ୍ଗ କାଉଣ୍ଟର ନିକଟରେ ପହଞ୍ଚିଥିଲେ। ଏହି ଟିକେଟ କାଉଣ୍ଟର ସ୍ଥାନାନ୍ତର କରାଯିବାକୁ ଥିବା ସନ୍ଦେହ କରି କୌଣସି ସୂତ୍ରରୁ ଖବରପାଇ ସହରର ସମସ୍ତ ରାଜନୈତିକ ଦଳର ପ୍ରତିନିଧି, କର୍ମୀ, ବୁଦ୍ଧିଜୀବୀ ଏକତ୍ରିତ ହୋଇ ବୁକିଂ କାଉଣ୍ଟର ଉଚ୍ଛେଦ ଓ ସ୍ଥାନାନ୍ତର ନିଷ୍ପତ୍ତିକୁ ପ୍ରତିବାଦ କରିବା ସହ ବିରୋଧ କରିଥିଲେ। କୋରାପୁଟରୁ ଆସିଥିବା ବାଣିଜ୍ୟ ନିରୀକ୍ଷକ ଭି.ଏନ.ଆପ୍ପା ରାଓ ଟିକେଟ କାଉଣ୍ଟର ସ୍ଥାନାନ୍ତର ହେବ ନାହିଁ, ଏହା କେବଳ ତଦନ୍ତ ଥିଲା ବୋଲି କହି ସେମାନଙ୍କୁ ବୁଝାଶୁଝା କରିଥିଲେ। ଡିଆରଏମ ଫୋନ ଯୋଗେ ଉଚ୍ଛେଦ/ସ୍ଥାନାନ୍ତର ନିଷ୍ପତ୍ତି ବାତିଲ ହୋଇଥିବା ସୂଚନା ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏପରି ନିଷ୍ପତ୍ତିରେ ନବରଙ୍ଗପୁରବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେଠଶରେ ଉପସ୍ଥିତ ବିଜେଡି ପକ୍ଷରୁ ପ୍ରମୋଦ ରଥ, ଭୀମ ହରିଜନ, ସରୋଜ ପାତ୍ର , ଜିତେନ୍ଦ୍ର ଦାସ, ସ୍ୱାଧୀନ ପଣ୍ଡା, ଭାଜପା ନଗର ମଣ୍ଡଳ ସଭାପତି ଶ୍ରୀଧର ପାତ୍ର, ସନ୍ତୋଷ ପାତ୍ର, ଦଳିତ ମଞ୍ଚ ପକ୍ଷରୁ ଭଗବାନ ବୈରାଗୀ, ନବ ନିର୍ବାଚିତ କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ବହୁ ସଂଖ୍ୟକ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଟିକେଟ କାଉଣ୍ଟରରେ ସିସିଟିଭି, ନାମ ଫଳକ ଲଗାଇବାକୁ ଅନୁରୋଧ କରିଥିଲେ। ଜନସାଧାରଣ ଟିକଟ କାଉଣ୍ଟରକୁ ଗଲେ ଅଧିକ ସମୟ ଲିଙ୍କ ଫେଲ କହି ଫେରାଉଥିବା ଓ ଦଲାଲଙ୍କୁ ଧରିଲେ ତୁରନ୍ତ କିଛି ଉଚ୍ଚ କମିଶନରେ ଟିକଟ ମିଳୁଛି ବୋଲି ସେମାନେ ଅଭିଯୋଗ ମଧ୍ୟ କରିଥିଲେ। କାଉଣ୍ଟରରୁ ଦଲାଲ ରାଜ ବନ୍ଦ କରିବା ପାଇଁ ଦାବି କରିଥିଲେ।



ରେଲୱେ କାଉଣ୍ଟର ନିକଟରେ ସହରର ଜନସାଧାରଣ ।

